# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 7 July – 2026

*********************************

## ମୁଖ୍ୟ ସମ୍ବାଦ

- ଜନସାଧାରଣଙ୍କ ସହଯୋଗ ଓ ସରକାରଙ୍କ ବନୀକରଣ ଯୋଜନାରେ ରାଜ୍ୟରେ ଜଙ୍ଗଲ ଆଚ୍ଛାଦନ ବୃଦ୍ଧି ପାଉଛି; କହିଲେ ମୁଖ୍ୟମନ୍ତ୍ରୀ
- ଜନଜାତି ଗବେଷଣା ପ୍ରତିଷ୍ଠାନଗୁଡ଼ିକୁ ସଶକ୍ତ କରିବା ଲକ୍ଷ୍ୟ ନେଇ ଭୁବନେଶ୍ୱରଠାରେ ଦୁଇଦିନିଆ ଜାତୀୟ କର୍ମଶାଳା ଉଦ୍‌ଘାଟିତ
- ଲୋକସେବା ଭବନଠାରେ ଜାରି ରହିଛି ପୂର୍ବାଞ୍ଚଳ ପରିଷଦ ଷ୍ଟାଣ୍ଡିଂ କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ

ଏବଂ

- ଲଗାଣ ବର୍ଷା ସତ୍ତ୍ୱେ ରାଜ୍ୟରେ ବନ୍ୟା ପରିସ୍ଥିତି ଉପୁଜି ନାହିଁ; ଜଳସମ୍ପଦ ବିଭାଗ ମୁଖ୍ୟ ଯନ୍ତ୍ରୀଙ୍କ ସୂଚନା

— ଆସନ୍ତା ଗୁରୁବାରଦିନ ହୀରାକୁଦ ଜଳଭଣ୍ଡାରରୁ ନିଷ୍କାସିତ ହେବ ଚଳିତବର୍ଷର ପ୍ରଥମ ବନ୍ୟାଜଳ

# ମୁଖ୍ୟମନ୍ତ୍ରୀ-ବନ ମହୋତ୍ସବ

ରାଜ୍ୟରେ ବନସୁରକ୍ଷା ଓ ସବୁଜ ବଳୟ ସୃଷ୍ଟି ପାଇଁ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱରସ୍ଥିତ କପିଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଜି ୭୭ତମ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ସମଗ୍ର ବିଶ୍ୱରେ ତାପମାତ୍ରା ବୃଦ୍ଧି, ଅନିୟମିତ ବର୍ଷା, ପ୍ରାକୃତିକ ବିପର୍ଯ୍ୟୟ ଓ ପରିବେଶ ପ୍ରଦୂଷଣ ଭଳି ଗଭୀର ସମସ୍ୟାର ମୁକାବିଲା ପାଇଁ ବ୍ୟାପକ ଚାରାରୋପଣ ଓ ଜଙ୍ଗଲ ସୁରକ୍ଷାର ଆବଶ୍ୟକତା ରହିଛି। ରାଜ୍ୟରେ ଯୁଗ୍ମ ଜଙ୍ଗଲ ପରିଚାଳନାରେ ପ୍ରାୟ ୧୬ ହଜାର ୨୦୯ ବନ ସୁରକ୍ଷା ସମିତି ଓ ୫୭୯ଟି ପରିବେଶ ଉନ୍ନୟନ କମିଟି ଦ୍ୱାରା ୧୩ ହଜାର ୯୩୩ ବର୍ଗକିଲୋମିଟରରୁ ଊର୍ଦ୍ଧ୍ୱ ଜଙ୍ଗଲର ସୁରକ୍ଷା ଓ ଉତ୍ତମ ପରିଚାଳନା କରାଯାଉଛି। ଏଥିରେ ୨୦ ଲକ୍ଷ ୧୧ ହଜାର ପରିବାର ନିୟୋଜିତ ହୋଇ ଉପକୃତ ହେଉଛନ୍ତି। ଜନସାଧାରଣଙ୍କ ସହଯୋଗ, ସରକାରଙ୍କ ବନୀକରଣ ଯୋଜନାରେ ରାଜ୍ୟରେ କ୍ରମାଗତ ଭାବେ ଜଙ୍ଗଲ ଆଚ୍ଛାଦନ ବୃଦ୍ଧି ପାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି.... **- V/O -**

ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ମିଶନ ମୋଡ୍‌ରେ ବନସୁରକ୍ଷା କାର୍ଯ୍ୟ ଜାରି ରହିଛି। ମହାନଦୀ ଅବବାହିକାରେ ସବୁଜ ମହାନଦୀ ମିଶନ

ମାଧ୍ୟମରେ ଚାରା ରୋପଣ କରାଯିବା ସହିତ ତେଲ୍, ଇବ୍, ବ୍ରାହ୍ମଣୀ, ବୈତରଣୀ, ଋଷିକୂଲ୍ୟା ଓ ବଂଶଧାରା ନଦୀର ଦୁଇ ପାର୍ଶ୍ୱରେ ସବୁଜ ବଳୟ ସୃଷ୍ଟି କରାଯାଉଛି । ୨୦୨୫-୨୬ ଆର୍ଥିକବର୍ଷରେ ୭୨୪ ହେକ୍ଟର ନଦୀପାର୍ଶ୍ୱ ଅଂଚଳରେ ୫ ଲକ୍ଷ ୬୫ ହଜାର ଚାରାରୋପଣ କରାଯାଇଛି । ଚଳିତ ଆର୍ଥିକବର୍ଷରେ ୨ ହଜାର ୭୦୨ ହେକ୍ଟର ଅଂଚଳରେ ୯ ଲକ୍ଷ ଚାରା ରୋପଣର ଲକ୍ଷ୍ୟ ରଖାଯାଇଛି ।

ଆମ ଜଙ୍ଗଲ ଯୋଜନା ଅଧୀନରେ ଜଙ୍ଗଲ ପୁନରୁଦ୍ଧାର ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି । 'ଏକ୍ ପେଡ୍ ମା' କେ ନାମ୍' ଅଭିଯାନରେ ଓଡ଼ିଶାରେ ୮ କୋଟି ୧୨ ଲକ୍ଷ ଚାରା ରୋପଣ ସଂପୂର୍ଣ୍ଣ କରାଯାଇ ରକ୍ଷଣାବେକ୍ଷଣ କରାଯାଉଛି । ଅଭିଯାନ ଅଧୀନରେ ରାଜ୍ୟବାସୀଙ୍କୁ ଚାରାରୋପଣ କରିବାକୁ ମୁଖ୍ୟମନ୍ତ୍ରୀ ଏହି ଅବସରରେ ଆହ୍ୱାନ ଦେଇଛନ୍ତି ।

## ଜନଜାତି

ଜନଜାତିଙ୍କ ଭାଷା, ସଂସ୍କୃତି ଏବଂ ପାରମ୍ପରିକ ଜ୍ଞାନକୁ ସଂରକ୍ଷଣ କରିବାର ଆବଶ୍ୟକତା ରହିଛି ବୋଲି କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ କରିଛନ୍ତି । ଭୁବନେଶ୍ୱରଠାରେ ଦୁଇଦିନିଆ ଜାତୀୟ କର୍ମଶାଳାକୁ ଉଦ୍‌ଘାଟନ କରି ଶ୍ରୀ ଓରାମ୍ କହିଛନ୍ତି, ଜନଜାତିଙ୍କ ପାରମ୍ପରିକ ଜ୍ଞାନକୁ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ସହ ସମନ୍ୱିତ କରିବାର ଆବଶ୍ୟକତା ରହିଛି । ଏହି ଅବସରରେ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜନଜାତିଙ୍କ ବିକାଶ ପାଇଁ ଜ୍ଞାନ,

ନବସୃଜନ ଏବଂ ପ୍ରମାଣ ଆଧାରିତ ନୀତି ନିର୍ଦ୍ଧାରଣକୁ ଆଧାର କରି ଆଦିବାସୀ ଗବେଷଣା ପ୍ରତିଷ୍ଠାନକୁ ବିକଶିତ କରିବା ଲକ୍ଷ୍ୟରେ ଏକ ନୂତନ କାର୍ଯ୍ୟଖସଡାର ଉନ୍ମୋଚନ କରାଯାଇଛି।

## ଷ୍ଟାଣ୍ଡିଂ କମିଟି ବୈଠକ

ଭୁବନେଶ୍ୱର ଲୋକସେବା ଭବନଠାରେ ପୂର୍ବାଞ୍ଚଳ ପରିଷଦ ଷ୍ଟାଣ୍ଡିଂ କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ଜାରି ରହିଛି। ବୈଠକରେ ବିଭିନ୍ନ ରାଜ୍ୟ ମଧ୍ୟରେ ରହିଥିବା ସମସ୍ୟା ଓ ସମନ୍ୱୟ ସମ୍ପର୍କିତ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା କରାଯାଉଛି। ଆନ୍ତଃ ରାଜ୍ୟ ଜଳବଣ୍ଟନ, ସୀମାବର୍ତ୍ତୀ ଅଂଚଳର ପ୍ରଶାସନିକ ସମସ୍ୟା, ଆଇନ୍‌ଶୃଙ୍ଖଳା, ପରିବହନ, ଭିତ୍ତିଭୂମି ବିକାଶ, ବିପର୍ଯ୍ୟୟ ପରିଚାଳନା ଏବଂ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ସମନ୍ୱୟ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ପୂର୍ବାଞ୍ଚଳ ପରିଷଦ ଅଧୀନରେ ଥିବା ବିଭିନ୍ନ ରାଜ୍ୟର ବରିଷ୍ଠର ପ୍ରଶାସନିକ ଅଧିକାରୀମାନେ ଯୋଗଦେଇ ମତ ବିନିମୟ କରୁଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ପୁଲିସ୍ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିୟା ପ୍ରମୁଖ ଉପସ୍ଥିତ ଅଛନ୍ତି।

## ଡିଜିଟାଲ ମୋଡ୍

ଆସନ୍ତା ମ୍ୟାଟ୍ରିକ୍ ପରୀକ୍ଷାର ମୂଲ୍ୟାୟନ ଡିଜିଟାଲ ମୋଡ୍‌ରେ ତଥା ଅନ୍ ସ୍କ୍ରିନ୍ ମୂଲ୍ୟାୟନ କରିବା ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ ଯୋଜନା ରଖିଛି। ପରୀକ୍ଷାମୂଳକ ଭାବେ ଏଥିପାଇଁ ଚଳିତ ସପ୍ଲିମେଣ୍ଟାରୀ ପରୀକ୍ଷା ସହ ଷ୍ଟେଟ୍ ଓପନ ସ୍କୁଲ ସାର୍ଟିଫିକେଟ୍  ପରୀକ୍ଷାର ଉତ୍ତର ଖାତାଗୁଡ଼ିକର ଡିଜିଟାଲ

ମୂଲ୍ୟାୟନ କରାଯିବ। ଏଥିପାଇଁ ପରିଷଦ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ରାଜ୍ୟର ୩ଟି ସ୍ଥାନ ସମ୍ବଲପୁର, ଭୁବନେଶ୍ୱର ଓ କଟକରେ ଡିଜିଟାଲ ମୂଲ୍ୟାୟନ ହେବ। ଚଳିତ ସପ୍ଲିମେଣ୍ଟାରୀ ପରୀକ୍ଷା ଆସନ୍ତା ୧୦ ତାରିଖରେ ଶେଷ ହେବା ପରେ ମୂଲ୍ୟାୟନ ୧୯ ତାରିଖରୁ ଆରମ୍ଭ କରାଯିବା ନେଇ ବୋର୍ଡ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ୪୦୦ ଶିକ୍ଷକଙ୍କୁ ତାଲିମ୍ ପ୍ରଦାନ କରାଯିବ।

## ରଥଯାତ୍ରା-ମକ୍‌ଡ୍ରିଲ

ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପୂର୍ବରୁ ଆଜି ପୁରୀ ରେଲୱେଷ୍ଟେସନ୍‌ଠାରେ ମକ୍‌ଡ୍ରିଲ୍ କରାଯାଇଛି। ଓଡ୍ରାଫ୍, ଅଗ୍ନିଶମ, ଜିଆରପି, ଆରପିଏଫ୍, ଏସ୍‌ଟିୟୁ ଓ ଜିଲ୍ଲା ପ୍ରଶାସନ ମିଳିତ ଭାବେ ଏହି ମକ୍‌ଡ୍ରିଲ କରୁଛନ୍ତି। ଆତଙ୍କବାଦୀ ଆକ୍ରମଣକୁ ପ୍ରତିହତ କରିବା ଏହାର ମୂଳ ଉଦ୍ଦେଶ୍ୟ। ଗୁଣ୍ଡିଚା ମନ୍ଦିର ନିକଟ ପୁଲିସ୍ ଅବକାଶଠାରେ ମକ୍‌ଡ୍ରିଲ୍ କରାଯାଇଛି।

## ପ୍ରତିଷ୍ଠା ଦିବସ

ଉତ୍କଳ ସାହିତ୍ୟ ସମାଜ ଯାଜପୁର ଜିଲ୍ଲା ଶାଖାର ପ୍ରତିଷ୍ଠା ଦିବସ ଆଜି ପାଳିତ ହୋଇଯାଇଛି। ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ପ୍ରତିଷ୍ଠା ଦିବସ ସମାରୋହରେ ଉତ୍କଳ ସାହିତ୍ୟ ସମାଜର ସଭାପତି ଗୋବିନ୍ଦ ଚାନ୍ଦଙ୍କ ଅଧ୍ୟକ୍ଷତାରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବହୁ କବି ଓ କବୟିତ୍ରୀ କବିତା ପାଠ କରିଥିଲେ।

# ପାଣିପାଗ-ବନ୍ୟା ସ୍ଥିତି

ରାଜ୍ୟରେ ଲଗାଣ ବର୍ଷା ଯୋଗୁଁ ବିଭିନ୍ନ ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି । ଏହାସହ ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ହୀରାକୁଦ ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି ସତ୍ତ୍ୱେ ମଧ୍ୟ ବନ୍ୟା ସ୍ଥିତି ନାହିଁ ବୋଲି ଜଳସମ୍ପଦ ବିଭାଗର ମୁଖ୍ୟ ଯନ୍ତ୍ରୀ ପ୍ରତାପ ଚନ୍ଦ୍ର ଚୌଧୁରୀ କହିଛନ୍ତି ।

**- V/O -**

ମଧ୍ୟାହ୍ନ ୧୨ଟା ସୁଦ୍ଧା ହୀରାକୁଦ ଜଳସ୍ତର ୬୦୬ ଦଶମିକ ୬/୭ ଫୁଟ ରହିଛି । ଜଳଭଣ୍ଡାର ମଧ୍ୟକୁ ୨ ଲକ୍ଷ ୧୨ ହଜାର ୫୦୯ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ୨୫ ହଜାର ୩୭୮ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି । ଆସନ୍ତା ଗୁରୁବାର ଦିନ ହୀରାକୁଦ ଗେଟ୍ ଖୋଲାଯାଇ ଜଳଭଣ୍ଡାରରୁ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯିବ । ତେବେ ଜଳସ୍ତରକୁ ଦେଖି ଗେଟ୍ ଖୋଲାଯିବା ସଂଖ୍ୟା ନିଷ୍ପତ୍ତି ନିଆଯିବ ବୋଲି ଶ୍ରୀ ଚୌଧୁରୀ କହିଛନ୍ତି ।

ବର୍ତ୍ତମାନ କଟକ ମୁଣ୍ଡଳୀଠାରେ ୩ ଲକ୍ଷ ୨୬ ହଜାର କ୍ୟୁସେକ୍ ଜଳ ଅତିକ୍ରମ କରୁଛି । ଆଜି ରାତି ସୁଦ୍ଧା ୪ ଲକ୍ଷ ୫୦ ହଜାର କ୍ୟୁସେକ୍ ଜଳ ଅତିକ୍ରମ କରିବାର ସମ୍ଭାବନା ରହିଛି ।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆଜିଠାରୁ ରାଜ୍ୟରେ ବର୍ଷାର ପ୍ରଭାବ ହ୍ରାସ ପାଇବ ।

ଗତ ୨୪ ଘଣ୍ଟା ମଧ୍ୟରେ ବରଗଡ଼ ଜିଲ୍ଲାର ବିଜେପୁରରେ ସର୍ବାଧିକ ୧୦୯ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ଆଗାମୀ ୭ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି । ଏହି ସମୟ ମଧ୍ୟରେ ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି ।

**ବୌଦ୍ଧ** ଜିଲ୍ଲାର ବିଭିନ୍ନ ଅଂଚଳରେ ବର୍ଷାଜନିତ କ୍ଷୟକ୍ଷତିର ସ୍ଥିତି ଅନୁଧ୍ୟାନ କରିବା ପାଇଁ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ପ୍ରଭାବିତ ଅଂଚଳ ପରିଦର୍ଶନ କରିଛନ୍ତି । ନୂଆପାଲ୍ଲୀ, ଘଣ୍ଟାପଡା, ବାସୁଦେବପାଲ୍ଲୀ, ମନୋମୁଣ୍ଡାସ୍ଥିତ ସୁବର୍ଣ୍ଣମେରୁ ମନ୍ଦିର ଅଂଚଳରୁ ତୁରନ୍ତ ଜଳ ନିଷ୍କାସନ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଯଥାଶୀଘ୍ର କ୍ଷତିଗ୍ରସ୍ତଙ୍କ ନିକଟରେ ସରକାରୀ ସହାୟତା ପହଞ୍ଚାଇବାକୁ ପଂଚାୟତ ଓ ବ୍ଲକ୍‌ସ୍ତରୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

## ଡାଇରିଆ

**ବରଗଡ଼** ଜିଲ୍ଲା ଲଖମରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଆୟୋଜିତ ଷ୍ଟପ୍ ଡାଇରିଆ କ୍ୟାମ୍ପେନ ସଚେତନତା କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଯୋଗଦେଇ ଅଭିଯାନ ମାଧ୍ୟମରେ ଶିଶୁଙ୍କ ଜୀବନ ରକ୍ଷା ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଛନ୍ତି । ଓଡ଼ିଶା ସମେତ ସମଗ୍ର ଦେଶରେ ଶିଶୁମାନଙ୍କୁ ଝାଡାବାନ୍ତି ରୋଗରୁ ରକ୍ଷା କରିବା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ । ୫ ବର୍ଷରୁ କମ୍ ବୟସର ଶିଶୁମାନଙ୍କ ମଧ୍ୟରେ

ଝାଡାବାନ୍ତୀ ଜନିତ ମୃତ୍ୟୁ ସଂଖ୍ୟାକୁ ସମ୍ପୂର୍ଣ୍ଣ ରୂପେ ହ୍ରାସ କରିବା ଏହାର ମୂଳ ଉଦ୍ଦେଶ୍ୟ।

## ସଚେତନତା

**ଭଦ୍ରକ** ଜିଲ୍ଲା ସାଇସ୍ୱରୂପା ମାନସିକ ଭିନ୍ନକ୍ଷମ ବିଦ୍ୟାଳୟରେ ଓଡ଼ିଶା ରାଜ୍ୟ ଆଇନ୍‌ସେବା ପ୍ରାଧିକରଣ ଏବଂ ଭଦ୍ରକ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ମାନସିକ ଅସୁସ୍ଥତା ଏବଂ ବୌଦ୍ଧିକ ଅକ୍ଷମତା ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ସଚିବ ପୂଣ୍ୟଶ୍ଳୋକ ରଥ ଯୋଗଦେଇ ମାନସିକ ରୋଗର କାରଣ ଏବଂ ଏହାର ମୁକାବିଲା ସମ୍ପର୍କରେ ଆଲୋଚନା କରିଥିଲେ।

## ବନ ମହୋତ୍ସବ

**ବରଗଡ଼** ଜିଲ୍ଲା ପଦ୍ମପୁର ସ୍ଥିତ ଟଂଘରିଆରେ ୭୭ତମ ବନଖଣ୍ଡସ୍ତରୀୟ ବନ ମହୋତ୍ସବ ସପ୍ତାହ ପାଳନ କାର୍ଯ୍ୟକ୍ରମକୁ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଉଦ୍‌ଘାଟନ କରିଛନ୍ତି। ସୁରକ୍ଷିତ ପରିବେଶ, ସୁରକ୍ଷିତ ଭବିଷ୍ୟତର ମୂଳ ଆଧାର। ବନ ମହୋତ୍ସବକୁ ଏକ ଜନ ଆନ୍ଦୋଳନରେ ପରିଣତ କରିବା ପାଇଁ ଶ୍ରୀ ମହାଲିଙ୍ଗ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ଏକ ସବୁଜ ରଥର ମଧ୍ୟ ଶୁଭାରମ୍ଭ କରାଯାଇଛି।